## ।।ତ୍ରୟୋଦଶ ଅଧ୍ୟାୟ ।।

**ଅନ୍ୟାନ୍ୟ ଲୀଳା : ରୋଗନିବାରଣ, (୧)ଭୀମାଜୀ ପାଟିଲ (୨) କୁକୁରକୁ ଖାଦ୍ୟ ଓ ଜ୍ୱରରୁ ମୁକ୍ତି (୩) ବୁଟିଙ୍କୁ ବାବାଙ୍କ ବିଚିତ୍ର ଔଷଧ (୪) ଆଳନ୍ଦୀସ୍ୱାମୀଙ୍କ ରୋଗ ଆଲ୍ଲା ଭଲ କଲେ (୫) ଆମାଶୟ ରୋଗର ବାଦାମ ଔଷଧ (୬) ବାବାଙ୍କ ବରଦହସ୍ତ**

### ।।ମାୟାର ଅଭେଦ୍ୟ ଶକ୍ତି ।।

ବାବାଙ୍କର ବାଣୀ ସର୍ବଦା ସଂକ୍ଷିପ୍ତ, ଅର୍ଥପୂର୍ଣ୍ଣ, ଗୂଢ଼, ସାରଗର୍ଭକ ତଥା ନୈୟାୟିକ ଥିଲା । ସେ ସର୍ବଦା ନିଶ୍ଚିନ୍ତ ଏବଂ ନିର୍ଭୟ ରହୁଥିଲେ । ତାଙ୍କର ବାଣୀ ଥିଲା 'ମୁଁ ଫକିର ଅଟେ, ନା ମୋର ସ୍ତ୍ରୀ ଅଛି ନା ଘରଦ୍ୱାର । ସମସ୍ତ ଚିନ୍ତାକୁ ତ୍ୟାଗ କରି, ମୁଁ ଗୋଟିଏ ସ୍ଥାନରେ ହିଁ ରହେ । ତଥାପି ବି ମାୟା ମୋତେ କଷ୍ଟ ଦେଉଛି । ମୁଁ ନିଜକୁ ତ ଭୁଲିଯାଇଛି, କିନ୍ତୁ ମାୟା ମୋତେ ଭୁଲୁନାହିଁ । ସେ ମୋତେ ତା'ର ଜାଲରେ ଭ୍ରମିତ କରୁଛି । ଶ୍ରୀହରିଙ୍କ ଏହି ମାୟା ବ୍ରହ୍ମାଦିଙ୍କୁ ମଧ୍ୟ ଛାଡ଼େ ନାହିଁ, ମୋ ଭଳି ଫକିର କଥା କିଏ ପଚାରେ ?

ତେବେ ଯିଏ ଶ୍ରୀହରିଙ୍କୁ ସ୍ମରଣ କରେ, ସେ ତାଙ୍କର କୃପାରୁ ମାୟାଜାଲରୁ ମୁକ୍ତ ହୋଇଯାଏ ।' ଏହିପରି ବାବା ମାୟାର ଶକ୍ତିର ପରିଚୟ ପ୍ରଦାନ କରିଥିଲେ । ଭଗବାନ ଶ୍ରୀକୃଷ୍ଣ ଭାଗବତରେ ଉଦ୍ଧବଙ୍କୁ କହୁଛନ୍ତି କି 'ସନ୍ଥ ମୋର ଜୀବିତ ସ୍ୱରୂପ ଅଟନ୍ତି । ବାବାଙ୍କର ମଧ୍ୟ ଉକ୍ତି ଏହା ଥିଲା ଯେ **ସେହି ଭାଗ୍ୟବାନମାନେ ଯେଉଁମାନଙ୍କର ସମସ୍ତ ପାପ ନଷ୍ଟ ହୋଇଯାଇଛି, ସେମାନେ ହିଁ ମୋର ଉପାସନା କରିବାକୁ ଅଗ୍ରସର ହୁଅନ୍ତି । ଯଦି ତୁମେ କେବଳ 'ସାଇ ସାଇ' ସ୍ମରଣ କରିବ, ତାହେଲେ ମୁଁ ତୁମକୁ ଭବସାଗରରୁ ଉଦ୍ଧାର କରିଦେବି ।'** ଏହି ବାକ୍ୟ ଉପରେ ବିଶ୍ୱାସ କର, ତୁମକୁ ଅବଶ୍ୟ ଲାଭ ହେବ । ମୋର ପୂଜା ନିମିତ୍ତ କୌଣସି ସାମଗ୍ରୀ ବା ଅଷ୍ଟାଙ୍ଗ ଯୋଗର ଆବଶ୍ୟକତା ନାହିଁ । ମୁଁ ତ ଭକ୍ତିରେ ହିଁ ନିବାସ କରେ । ଏବେ ଆଗକୁ ଦେଖିବା ଅନାଶ୍ରୟମାନଙ୍କ ଆଶ୍ରୟଦାତା ସାଇ ଭକ୍ତମାନଙ୍କ କଲ୍ୟାଣାର୍ଥେ କ'ଣ କଲେ ।

### ।।ଭୀମାଜୀ ପାଟିଲ : ସତ୍ୟସାଇ ବ୍ରତ ।।

ନାରାୟଣ ଗାଁ(ପୁନା ଜିଲା ଜୁନ୍ନର ତାଲୁକ)ର ଜଣେ ମହାନୁଭବ ଭୀମାଜୀ ପାଟିଲଙ୍କର ୧୯୦୯ ମସିହାରେ ବକ୍ଷସ୍ଥଳରେ ଏକ ଭୟଙ୍କର ରୋଗ ହେଲା, ଯାହା ଆଗକୁ ବଢ଼ି ଯକ୍ଷ୍ମାରୋଗରେ ପରିଣତ ହେଲା । ସେ ଅନେକ ପ୍ରକାର ଚିକିତ୍ସା କଲେ, କିନ୍ତୁ କିଛି ଲାଭ ହେଲା ନାହିଁ । ଶେଷରେ ସେ ଆଶା ତ୍ୟାଗ କରି ଭଗବାନଙ୍କୁ ପ୍ରାର୍ଥନା କଲେ,

‘ହେ ନାରାୟଣ ! ହେ ପ୍ରଭୁ ! ମୋ ପରି ଅନାଥକୁ ସହାୟତା କରନ୍ତୁ ।’ ଏହା ସତ୍ୟ ଯେ ଆମେ ଯେତେବେଳେ ସୁଖୀ ଥାଉ, ଭଗବାନଙ୍କୁ ସ୍ମରଣ କରୁନା ଥାଉ ଯେତେବେଳେ ଦୁର୍ଭାଗ୍ୟ ଘେରିଆସେ ଏବଂ ଦୁର୍ଦ୍ଦିନ ଦେଖାଯାଏ ସେତେବେଳେ ଭଗବାନଙ୍କୁ ସ୍ମରଣ କରୁ । ଭୀମାଜୀ ମଧ୍ୟ ସେହିପରି ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ତାଙ୍କ ମନକୁ ବିଚାର ଆସିଲା କି ଶ୍ରୀ ସାଇବାବାଙ୍କର ପରମଭକ୍ତ ନାନାସାହେବ ଚନ୍ଦୋରକରଙ୍କ ସହିତ ଏହି ବିଷୟରେ ପରାମର୍ଶ କରିବା ଭଲ ହେବ ଏବଂ ସେ କଥା ଭାବି ସେ ତାଙ୍କର ସମସ୍ୟାର ପୂର୍ଣ୍ଣ ବିବରଣୀ ଲେଖି ନାନାସାହେବଙ୍କ ନିକଟକୁ ପଠାଇଲେ ଓ ତାଙ୍କର ମାର୍ଗଦର୍ଶନ କରିବାକୁ ଅନୁରୋଧ କଲେ । ପ୍ରତ୍ୟୁତ୍ତରରେ ନାନାସାହେବ ଲେଖିଲେ କି “ଏବେ ତ କେବଳ ଗୋଟିଏ ହିଁ ଉପାୟ ଶେଷ ରହିଯାଇଛି ଏବଂ ତାହା ହେଉଛି ଶ୍ରୀ ସାଇବାବାଙ୍କ ଚରଣକମଳରେ ଶରଣାଗତି ।’ ନାନାସାହେବଙ୍କ ବଚନରେ ବିଶ୍ୱାସ କରି ସେ ଶିରିଡ଼ି ଯିବାକୁ ବାହାରିଲେ । ତାଙ୍କୁ ଶିରିଡ଼ି ନିଆଗଲା ଓ ଶିରିଡ଼ିରେ ପହଞ୍ଚିବା ପରେ ମସଜିଦ୍‌କୁ ନେଇ ସେଠାରେ ଶୁଆଇ ଦିଆଗଲା । ନାନାସାହେବ ଏବଂ ଶ୍ୟାମା ସେଠାରେ ଉପସ୍ଥିତ ଥିଲେ । ବାବା କହିଲେ କି ‘ଏହା ତାଙ୍କ ପୂର୍ବ ଜନ୍ମର କୃତକର୍ମର ଫଳ । ଏହି କାରଣରୁ ମୁଁ ଏହି ଝାମେଲାରେ ପଡ଼ିବାକୁ ଚାହୁଁନାହିଁ ।’ ଏ କଥା ଶୁଣି ରୋଗୀ ଅତ୍ୟନ୍ତ ନିରାଶ ହୋଇ କରୁଣାପୂର୍ଣ୍ଣ ସ୍ୱରରେ କହିଲେ କି ‘ମୁଁ ବିଲ୍‌କୁଲ ନିଃସହାୟ ହୋଇପଡ଼ିଛି ଏବଂ ଶେଷ ଆଶା ନେଇ ଆପଣଙ୍କର ଶରଣାପନ୍ନ ହୋଇଛି । ଆପଣଙ୍କଠାରୁ ଦୟାର ଭିକ୍ଷା ମାଗୁଛି । ହେ ଦୀନଙ୍କର ଶରଣ ! ମୋ ପ୍ରତି ଦୟା କରନ୍ତୁ ।’ ଏହି ପ୍ରାର୍ଥନାରେ ବାବାଙ୍କର ହୃଦୟ ତରଳିଗଲା ଏବଂ ସେ କହିଲେ ‘ଆଚ୍ଛା ରୁହ । ଚିନ୍ତା କର ନାହିଁ । ତୁମର ଦୁଃଖ ଶୀଘ୍ର ଦୂର ହୋଇଯିବ । **ଯିଏ ଯେତେ ବି ଦୁଃଖିତ ବା ପୀଡ଼ିତ ହୋଇଥାଉନା କାହିଁକି, ମୋର ମସଜିଦ୍‌ର ପାହାଚ ଚଢ଼ିବା ମାତ୍ରେ ସିଏ ସୁଖୀ ହେବ । ମସଜିଦ୍‌ର ଫକିର ବହୁତ ଦୟାଳୁ ଏବଂ ତୁମର ରୋଗ ମଧ୍ୟ ଭଲ ହୋଇଯିବ ।** ସିଏ ତ ସମସ୍ତଙ୍କ ପ୍ରତି ପ୍ରେମ ଏବଂ ଦୟା ପ୍ରକାଶକରି ରକ୍ଷା କରନ୍ତି ।’ ରୋଗୀର ପ୍ରତି ପାଞ୍ଚ ମିନିଟ୍‌ରେ ରକ୍ତ ବାନ୍ତି ହେଉଥିଲା, କିନ୍ତୁ ବାବାଙ୍କ ସମ୍ମୁଖରେ ତାର ଆଦୌ ବାନ୍ତି ହେଲା ନାହିଁ । ଯେଉଁ ମୁହୂର୍ତ୍ତରୁ ବାବା ତାଙ୍କର ଶ୍ରୀମୁଖରୁ ଆଶା ଏବଂ ଦୟାପୂର୍ଣ୍ଣ ଶବ୍ଦରେ ଆଶିଷ ପ୍ରଦାନ କଲେ ତାହା ପରଠାରୁ ରୋଗ ଛାଡ଼ିବା ଆରମ୍ଭ ହେଲା । ବାବା ରୋଗୀକୁ ଭୀମାବାଇଙ୍କ ଘରେ ରହିବାକୁ କହିଲେ ।

ଏହି ସ୍ଥାନ ଏ ପ୍ରକାର ରୋଗୀଙ୍କ ପାଇଁ ସୁବିଧାଜନକ ତଥା ସ୍ୱାସ୍ଥ୍ୟପ୍ରଦ ନଥିଲା, କିନ୍ତୁ ବାବାଙ୍କର ଆଦେଶକୁ ଅମାନ୍ୟ କରିବ କିଏ ? ସେଠାରେ ରହିବା ସମୟରେ ବାବା ଦୁଇଥର ସ୍ୱପ୍ନରେ ଦର୍ଶନ ଦେଇ ତାଙ୍କର ରୋଗ ହରଣ କରିନେଲେ । ପ୍ରଥମ ସ୍ୱପ୍ନରେ ରୋଗୀ ଦେଖିଲେ ଯେ ସେ ଜଣେ ଛାତ୍ର ଏବଂ ତାଙ୍କର ଶିକ୍ଷକଙ୍କ ସମ୍ମୁଖରେ କବିତା ମୁଖସ୍ଥ କରିନଥିବାରୁ ଦଣ୍ଡସ୍ୱରୂପ ବେତ୍ରାଘାତର ଅସହନୀୟ ଯନ୍ତ୍ରଣା ଭୋଗୁଛନ୍ତି ।

ଦ୍ୱିତୀୟ ସ୍ୱପ୍ନରେ ସେ ଦେଖିଲେ ଯେ କେହି ଛାତି ଉପରେ ଉପରୁ ତଳୁ ଓ ତଳୁ ଉପରୁ ପଥରରେ ଆଘାତ କରୁଛି ଯାହାଦ୍ୱାରା ତାଙ୍କ ଶରୀରରେ ଅସହ୍ୟ କଷ୍ଟ ହେଉଛି । ସ୍ୱପ୍ନରେ ଏହି ପ୍ରକାର କଷ୍ଟ ପାଇ ସେ ସୁସ୍ଥ ହୋଇଗଲେ ଏବଂ ଘରକୁ ଫେରିଆସିଲେ । ଏହାପରେ ସେ ମଝିରେ ମଝିରେ ଶିରିଡ଼ି ଆସୁଥିଲେ ଏବଂ ସାଇବାବାଙ୍କ ଦୟାର ସ୍ମରଣ କରି ସାଷ୍ଟାଙ୍ଗ ପ୍ରଣାମ କରୁଥିଲେ । ବାବା ତାଙ୍କର ଭକ୍ତମାନଙ୍କଠାରୁ କୌଣସି ବସ୍ତୁର ଆଶା ରଖୁନଥିଲେ । ସେ କେବଳ ସ୍ମରଣ, ଦୃଢ଼ ନିଷ୍ଠା ଓ ଭକ୍ତିର ପିପାସୁ ଥିଲେ ।

ମହାରାଷ୍ଟ୍ରର ଲୋକେ ପ୍ରତି ପକ୍ଷରେ ଅଥବା ପ୍ରତି ମାସରେ ସତ୍ୟନାରାୟଣ ବ୍ରତ କରୁଥିଲେ; କିନ୍ତୁ ନିଜ ଗ୍ରାମରେ ପହଞ୍ଚିବା ପରେ ଭୀମାଜୀ ପାଟିଲ ସତ୍ୟନାରାୟଣ ବ୍ରତ ସ୍ଥାନରେ ଏକ ନୂତନ ସତ୍ୟସାଇ ବ୍ରତ ଆରମ୍ଭ କଲେ ।

## ।। କୁକୁରକୁ ଖାଦ୍ୟ ଓ ଜ୍ୱରରୁ ମୁକ୍ତି ।।

**ବାଲା ଗଣପତି ଦର୍ଜି :** ଅନ୍ୟ ଜଣେ ଭକ୍ତ, ଯାହାଙ୍କ ନାମ ବାଲା ଗଣପତି ଦର୍ଜି ଥରେ ମେଲେରିଆ ଜ୍ୱରରେ ପୀଡ଼ିତ ହେଲେ । ସେ ସବୁ ପ୍ରକାର ଔଷଧ ଓ ପଥ୍ୟ ଗ୍ରହଣ କଲେ କିନ୍ତୁ ସେଥିରୁ କୌଣସି ଲାଭ ମିଳିଲା ନାହିଁ । ଯେତେବେଳେ ଜ୍ୱର ତିଳେ ମାତ୍ର କମିଲା ନାହିଁ, ସେ ଶିରିଡ଼ି ଦୌଡ଼ିଆସିଲେ ଏବଂ ବାବାଙ୍କ ଶ୍ରୀଚରଣରେ ଶରଣ ନେଲେ । ବାବା ତାଙ୍କୁ ବିଚିତ୍ର ଆଦେଶ ଦେଲେ 'ଲକ୍ଷ୍ମୀ ମନ୍ଦିର ପାଖକୁ ଯାଇ ଗୋଟିଏ କଳା କୁକୁରକୁ ଅଳ୍ପ ଦହି ଏବଂ ଭାତ ଖୁଆଅ ।'

ସେ ଏହି ଆଦେଶ କିପରି ପାଳନ କରିବେ ବୁଝିପାରିଲେ ନାହିଁ । ଘରେ ପହଞ୍ଚି ଭାତ ଓ ଦହି ତିଆରି କରି ଲକ୍ଷ୍ମୀ ମନ୍ଦିରକୁ ଗଲେ, ଯେଉଁଠାରେ ଗୋଟିଏ କଳା କୁକୁର ଲାଞ୍ଜ ହଲାଉଥିବା ଦେଖିବାକୁ ମିଳିଲା । ସେ ସେହି ଦହି ଓ ଭାତ ଉକ୍ତ କୁକୁର ସମ୍ମୁଖରେ ରଖିଦେଲେ ଓ କୁକୁରଟି ତାହାକୁ ତୁରନ୍ତ ଖାଇଦେଲା । ଏହି ମହୌଷଧିର ବର୍ଣ୍ଣନା କିପରି କରିବି, ପାଠକଗଣ ଆଶ୍ଚର୍ଯ୍ୟ ହେବେ ଯେ ଏହି ଘଟଣା ପରେ ବାଲା ଦର୍ଜିଙ୍କର ଜ୍ୱର ସବୁଦିନ ପାଇଁ ଭଲ ହୋଇଗଲା ।

**ବୁଟିଙ୍କୁ ବାବାଙ୍କ ବିଚିତ୍ର ଔଷଧ :** ଶ୍ରୀମାନ୍ ବାପୁସାହେବ ବୁଟି ଥରେ ନାଳରକ୍ତ ଝାଡ଼ା ଓ ବାନ୍ତିରେ ପୀଡ଼ିତ ହେଲେ । ତାଙ୍କ ଘରେ ଅନେକ ପ୍ରକାର ଔଷଧ ଥିଲା, କିନ୍ତୁ କୌଣସିଟି କାମରେ ଆସୁନଥିଲା ।

ଦିନକୁ ଦିନ ସେ ଅତିଶୟ ଦୁର୍ବଳ ହୋଇଗଲେ ଏବଂ ତାଙ୍କର ଅବସ୍ଥା ଏପରି ଗମ୍ଭୀର ହୋଇପଡ଼ିଲା ଯେ ସେ ମସଜିଦ୍‌କୁ ଯାଇ ବାବାଙ୍କର ଦର୍ଶନ କରିବାକୁ ମଧ୍ୟ ସକ୍ଷମ ହୋଇପାରିଲେ ନାହିଁ । ବାବା ତାଙ୍କୁ ଡାକି ପାଖରେ ବସାଇଲେ ଏବଂ କହିଲେ

'ସାବଧାନ, ଏବେ ତୁମକୁ ଝାଡ଼ା ଲାଗିବ ନାହିଁ । ପୁଣି ତାଙ୍କର ଆଙ୍ଗୁଳି ଉଠାଇ କହିଲେ 'ବାନ୍ତି ମଧ୍ୟ ବନ୍ଦ ହୋଇଯିବ ।' ବାବା ଏପରି କୃପା କଲେ ଯେ ରୋଗ ସମୂଳେ ନଷ୍ଟ ହୋଇଗଲା ଏବଂ ବୁଟି ସାହେବ ସମ୍ପୂର୍ଣ୍ଣ ସୁସ୍ଥ ହେଲେ ।

ଅନ୍ୟ ଏକ ଘଟଣାରେ ସେ ଆଉ ଥରେ ହଇଜାରେ ପୀଡ଼ିତ ହେଲେ । ଫଳସ୍ୱରୂପ ତାଙ୍କୁ ବାରମ୍ବାର ଶୋଷ ହେବାରେ ଲାଗିଲା । ଡାଃ ପିଲ୍ଲେ ସମସ୍ତ ପ୍ରକାର ଉପଚାର କଲେ; କିନ୍ତୁ କୌଣସି ଉନ୍ନତି ଦେଖାଗଲା ନାହିଁ । ଶେଷରେ ସେ ବାବାଙ୍କ ପାଖକୁ ଯାଇ ତାଙ୍କର ତୃଷାରୋଗ ନିବାରଣ ନିମନ୍ତେ ଔଷଧ ଦେବାକୁ ପ୍ରାର୍ଥନା କଲେ । ତାଙ୍କର ପ୍ରାର୍ଥନା ଶୁଣି ବାବା କହିଲେ 'ଦୁଧରେ ଚିନି, ବାଦାମ, ଅଖରୋଟ ଏବଂ ପିସ୍ତା ଦାନା ମିଶାଇ ପିଇଦିଅ ।'

ଅନ୍ୟ କୌଣସି ଡାକ୍ତର ବାବାଙ୍କର ଏହି ଔଷଧକୁ ପ୍ରାଣଘାତକ କହିଥାନ୍ତେ; କିନ୍ତୁ ବାବାଙ୍କର ଆଦେଶ ପାଳନ କରିବା ଦ୍ୱାରା ଏହା ରୋଗନାଶକ ସିଦ୍ଧ ହେଲା ଏବଂ ଆଶ୍ଚର୍ଯ୍ୟର କଥା ଯେ ତାହାପରେ ରୋଗ ସମୂଳ ଭଲ ହୋଇଗଲା ।

**ଆଳନ୍ଦୀର ସ୍ୱାମୀଙ୍କ ରୋଗ ଆଲ୍ଲା ଭଲ କଲେ :** ଆଳନ୍ଦୀର ଜଣେ ସ୍ୱାମୀ ବାବାଙ୍କ ଦର୍ଶନ ନିମନ୍ତେ ଶିରିଡ଼ି ଆସିଲେ । ତାଙ୍କର କାନରେ ଅସହ୍ୟ ପୀଡ଼ା ହେଉଥିଲା, ଯେଉଁଥିପାଇଁ ଗୋଟିଏ ମୁହୂର୍ତ୍ତ ମଧ୍ୟ ବିଶ୍ରାମ କରିବା ତାଙ୍କ ପକ୍ଷରେ କଷ୍ଟକର ଥିଲା । ତାଙ୍କର ଶଲ୍ୟ ଚିକିତ୍ସା ମଧ୍ୟ ହୋଇସାରିଥିଲା, କିନ୍ତୁ କୌଣସି ବିଶେଷ ଉନ୍ନତି ହେଲା ନାହିଁ । ଯନ୍ତ୍ରଣା ଅଧିକ ହେଉଥିଲା । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଫେରିଯିବା ପାଇଁ ବାବାଙ୍କ ନିକଟକୁ ଅନୁମତି ପାଇଁ ଗଲେ ।

ଏହା ଦେଖି ଶ୍ୟାମା ବାବାଙ୍କୁ ପ୍ରାର୍ଥନା କରି କହିଲେ 'ସ୍ୱାମୀଙ୍କ କାନରେ ବିଶେଷ ଯନ୍ତ୍ରଣା ହେଉଛି । ଆପଣ ତାଙ୍କ ପ୍ରତି କୃପା କରନ୍ତୁ ।' ବାବା ଆଶ୍ୱାସନା ଦେଇ କହିଲେ, 'ଆଲ୍ଲା ଠିକ୍ କରିବେ ।' ସ୍ୱାମିଜୀ ପୁନା ଫେରିଗଲେ ଏବଂ ଏକ ସପ୍ତାହ ପରେ ଶିରିଡ଼ିକୁ ଏକ ପତ୍ର ପଠାଇଲେ କି 'ଯନ୍ତ୍ରଣା କମିଗଲାଣି । କିନ୍ତୁ ଫୁଲା ଏବେ ବି ଅଛି । ଫୁଲା ଦୂର ହେବା ପାଇଁ ଶଲ୍ୟଚିକିତ୍ସା ନିମନ୍ତେ ସେ ମୁମ୍ବଇ ଗଲେ । ଶଲ୍ୟଚିକିତ୍ସା ବିଶେଷଜ୍ଞ ଯାଞ୍ଚ କରିବା ପରେ କହିଲେ ଅପରେସନର କୌଣସି ଆବଶ୍ୟକତା ନାହିଁ । ବାବାଙ୍କ ବଚନର ଗୂଢ଼ାର୍ଥ ଆମେ ମୂର୍ଖ ଲୋକ କିପରି ବୁଝିବା ?

## ।। ଆମାଶୟ ରୋଗର ଔଷଧ ବାଦାମ ।।

**କାକା ମହାଜନୀ :** କାକା ମହାଜନୀ ନାମରେ ଅନ୍ୟ ଜଣେ ଭକ୍ତ ଆମାଶୟ ରୋଗରେ ପୀଡ଼ିତ ହେଲେ । ବାବାଙ୍କର ସେବା ପୂଜାରେ ଯେପରି ବିଘ୍ନ ନହୁଏ ସେଥିପାଇଁ ସେ ଗୋଟିଏ ଲୋଟା ପାଣି ଭରି ମସଜିଦ୍‌ର ଗୋଟିଏ କୋଣରେ ରଖିଦେଉଥିଲେ, ଯେପରି ଦରକାର ହେଲେ ଶୀଘ୍ର ବାହାରକୁ ଯାଇପାରିବେ । ଶ୍ରୀ ସାଇବାବାଙ୍କୁ ତ

ସମସ୍ତ ଘଟଣା ବିଦିତ ଥିଲା । ତଥାପି କାକା ବାବାଙ୍କୁ ସୂଚନା ଦେଲେ ନାହିଁ କାରଣ ସେ ଶୀଘ୍ର ରୋଗରୁ ମୁକ୍ତ କରିଦେବେ । ମସଜିଦ୍‌ର ସମ୍ମୁଖ ଭାଗରେ ଗୋଟିଏ ପକ୍କା ପାର୍ଶ୍ୱ ରାସ୍ତା ତିଆରି କରିବା ପାଇଁ ବାବାଙ୍କଠାରୁ ସ୍ୱୀକୃତି ମିଳିସାରିଥିଲା, ମାତ୍ର ଯେତେବେଳେ କାର୍ଯ୍ୟ ଆରମ୍ଭ ହେଲା ବାବା କ୍ରୋଧିତ ହୋଇଗଲେ ଏବଂ ଉତ୍ତେଜିତ ହୋଇ ଚିତ୍କାର କରିବାକୁ ଲାଗିଲେ । ଫଳରେ ଲୋକେ ଧାଁ ଦଉଡ଼ କଲେ । କାକା ଯେପରି ଦୌଡ଼ିବାକୁ ବାହାରିଛନ୍ତି, ବାବା ତାଙ୍କୁ ଭିଡ଼ିଧରି ଆଣିଲେ ଓ ତାଙ୍କ ସମ୍ମୁଖରେ ବସାଇଦେଲେ । ଏହି କୋଳାହଳ ଭିତରେ କେହି ଜଣେ ଆଣିଥିବା ତାଙ୍କର ବାଦାମ ଥାଳି ନେବାକୁ ଭୁଲିଯାଇଥିଲେ । ବାବା ସେଥିରୁ ଗୋଟିଏ ମୁଠା ବାଦାମ ବାହାର କଲେ ଓ ଛଡ଼ାଇ ଖାଇବାକୁ କାକାଙ୍କୁ ପରାମର୍ଶ ଦେଲେ । କ୍ରୋଧିତ ହେବା, ବାଦାମ ଛଡ଼ାଇବା ଏବଂ କାକାଙ୍କୁ ଖୁଆଇବା ଏହିସବୁ କାର୍ଯ୍ୟ ଏକ ସମୟରେ ଚାଲିଥିଲା । ସ୍ୱୟଂ ବାବା ମଧ୍ୟ ସେଥିରୁ କିଛି ବାଦାମ ଖାଇଲେ । ଯେତେବେଳେ ଥାଳି ଖାଲି ହୋଇଗଲା, ବାବା କହିଲେ କି ମୋତେ ଶୋଷ ଲାଗୁଛି । ଟିକିଏ ପାଣି ନେଇ ଆସ । ‘କାକା ଗୋଟିଏ ବାଲତି ପାଣି ନେଇଆସିଲେ ଏବଂ ଉଭୟେ ସେଥିରୁ ପାଣି ପିଇଲେ । ଏହାପରେ ବାବା କହିଲେ ଯେ ତୁମର ଆମାଶୟ ରୋଗ ଦୂର ହୋଇଗଲା । ତୁମେ ତୁମର ରାସ୍ତା କାର୍ଯ୍ୟ ଏବେ ଦେଖାଶୁଣା କରିପାରିବ । କିଛି ସମୟ ପରେ ଫେରିଯାଇଥିବା ଲୋକମାନେ ବାହୁଡ଼ି ଆସିଲେ । କାର୍ଯ୍ୟ ପୁଣି ଆରମ୍ଭ ହେଲା । କାକାଙ୍କର ରୋଗ ଏବେ ପ୍ରାୟତଃ ଦୂର ହୋଇଯାଇଥିଲା । ସେ କାର୍ଯ୍ୟରେ ଏଣିକି ନିମଗ୍ନ ହେଲେ । ହେଲେ ବାଦାମ କ’ଣ ଆମାଶୟ ରୋଗର ଔଷଧ ? ଏହାର ଉତ୍ତର କିଏ ଦେବ ? ଆଧୁନିକ ଚିକିତ୍ସା ବିଜ୍ଞାନ ମତରେ ବାଦାମ ଖାଇବା ଦ୍ୱାରା ଆମାଶୟ ରୋଗ ବୃଦ୍ଧି ପାଇଥାଏ । ମାତ୍ର ଅନେକ ଘଟଣା ପରି ଏହି ବିଷୟରେ ମଧ୍ୟ ବାବାଙ୍କର ବଚନ ଔଷଧସ୍ୱରୂପ ଥିଲା ।

## ।। ବାବାଙ୍କର ବରଦହସ୍ତ ହିଁ ଅବ୍ୟର୍ଥ ଔଷଧ ।।

**ହରଦାର ଦତ୍ତୋପନ୍ତ :** ହରଦାର ଦତ୍ତୋପନ୍ତ ନାମରେ ଜଣେ ବ୍ୟକ୍ତି ୧୪ ବର୍ଷ ବୟସରୁ ଉଦର ରୋଗରେ ପୀଡ଼ିତ ଥିଲେ । କୌଣସି ଔଷଧ କାମ ଦେଉନଥିଲା । ଦିନେ କେଉଁଠୁ ବାବାଙ୍କର କୀର୍ତ୍ତି ଶୁଣିଲେ ଯେ ବାବାଙ୍କର ଦୃଷ୍ଟି ମାତ୍ରକେ ରୋଗ ଭଲ ହୋଇଯାଏ । ତାପରେ ସେ ଶିରିଡ଼ି ଆସିଲେ ଓ ବାବାଙ୍କ ଚରଣରେ ଶରଣ ନେଲେ । ବାବା ପ୍ରେମ ସହକାରେ ତାଙ୍କ ପ୍ରତି ଦୃଷ୍ଟିପାତ କରି ଆଶୀର୍ବାଦ ଦେଇ ତାଙ୍କର ବରଦହସ୍ତ ତାଙ୍କ ମସ୍ତକ ଉପରେ ରଖିଲେ । ଆଶିଷ ଏବଂ ଉଦି ପ୍ରାପ୍ତ କରି ସେ ସୁସ୍ଥ ହେଲେ ତଥା ଭବିଷ୍ୟତରେ କୌଣସି ପୀଡ଼ା ହେଲା ନାହିଁ ।

ଏହି ପ୍ରକାର ନିମ୍ନଲିଖିତ ତିନୋଟି ଚମତ୍କାର କଥା ଏହି ଅଧ୍ୟାୟର ଶେଷରେ

ବର୍ଣ୍ଣନା କରାଯାଇଛି ।

(୧) ମାଧବରାଓ ଦେଶପାଣ୍ଡେ ଅର୍ଶ ରୋଗରେ ପୀଡ଼ିତ ଥିଲେ । ବାବାଙ୍କ ଆଦେଶାନୁସାରେ ସୋନାମୁଖୀ କଢ଼ି ସେବନ କରିବାରୁ ସେ ଭଲ ହୋଇଗଲେ । ଦୁଇବର୍ଷ ପରେ ପୁଣି ତାଙ୍କର ସେହି ପୀଡ଼ା ହେଲା । ଏଥର ସେ ବାବାଙ୍କର ବିନା ପରାମର୍ଶରେ ସେହି କଢ଼ି ଖାଇଲେ । କିନ୍ତୁ ପରିଣାମ ଏହା ହେଲା ଯେ ରୋଗ ବଢ଼ିଗଲା । ପରେ ବାବାଙ୍କ କୃପା ଲାଭ କରିବା ପରେ ତାଙ୍କର ରୋଗ ପୁଣି ଭଲ ହେଲା ।

(୨) କାକା ମହାଜନୀଙ୍କର ବଡ଼ ଭାଇ ଗଙ୍ଗାଧରପନ୍ତଙ୍କୁ କିଛି ବର୍ଷ ହେଲା ଉଦରରେ ଯନ୍ତ୍ରଣା ହେଉଥିଲା । ବାବାଙ୍କର କୀର୍ତ୍ତି ଶୁଣି ସେ ଶିରିଡ଼ି ଆସିଲେ ଏବଂ ଆରୋଗ୍ୟପ୍ରାପ୍ତି ନିମିତ୍ତ ପ୍ରାର୍ଥନା କଲେ । ବାବା ତାଙ୍କର ଉଦରକୁ ସ୍ପର୍ଶ କରି କହିଲେ 'ଆଲ୍ଲା ଠିକ୍ କରିବେ ।' ଏହା ପରେ ତୁରନ୍ତ ତାଙ୍କର ଉଦର ପୀଡ଼ା ଭଲ ହୋଇଗଲା ଏବଂ ସେ ପୂର୍ଣ୍ଣତଃ ସୁସ୍ଥ ହୋଇଗଲେ ।

(୩) ନାନାସାହେବ ଚନ୍ଦୋରକରଙ୍କୁ ମଧ୍ୟ ଥରେ ଉଦରରେ ବହୁତ ପୀଡ଼ା ହେଲା । ସେ ଦିନରାତି ମାଛ ଭଳି ଛଟପଟ ହେବାକୁ ଲାଗିଲେ । ଡାକ୍ତରମାନେ ଅନେକ ଉପଚାର କଲେ; କିନ୍ତୁ କିଛି ଫଳ ହେଲା ନହିଁ । ଶେଷରେ ସେ ବାବାଙ୍କ ଶରଣରେ ଆସିଲେ । ବାବା ତାଙ୍କୁ ଘିଅ ସହିତ ବର୍ଫି ଖାଇବାକୁ ପରାମର୍ଶ ଦେଲେ । ଏହି ଔଷଧ ସେବନ ଦ୍ୱାରା ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ ।

ଏହି ସବୁ କଥାରୁ ଏହା ପ୍ରତୀତ ହେଉଛି କି ଯେଉଁ ଔଷଧରୁ ଅନେକ ଭଲ ହେଉଥିଲେ ତାହା କେବଳ ବାବାଙ୍କ ଶ୍ରୀମୁଖରୁ ଉଚ୍ଚାରିତ ବଚନ ଓ ତାଙ୍କର କୃପାର ପ୍ରଭାବରେ ହିଁ ହେଉଥିଲା ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

**(ସପ୍ତାହ ପାରାୟଣ : ଦ୍ୱିତୀୟ ବିଶ୍ରାମ ।)**